୨୪ ଫେବୃଆରୀ ୨୦୧୧, ଗୁରୁବାର

ସମ୍ବାଦ କଳିକା

# ପ୍ରଥମ ଥର ପାଇଁ ପ୍ରତିଷ୍ଠା ହେଲା ଶିଶୁ ଆଶ୍ରୟସ୍ଥଳ

ଭୁବନେଶ୍ୱର,୨୩।୨

ନ୍ୟୁଜ୍ ବ୍ୟୁରୋ

ପ୍ରାକୃତିକ ବିପର୍ଯ୍ୟୟ ବିଶେଷ କରି ବାତ୍ୟା, ବନ୍ୟା ଭଳି ଦୁର୍ବିପାକ ସମୟରେ ଶିଶୁମାନଙ୍କ ସୁରକ୍ଷା ପାଇଁ ରାଜ୍ୟରେ ପ୍ରଥମ ଥର, ପାଇଁ ସ୍ୱତନ୍ତ୍ର ଆଶ୍ରୟସ୍ଥଳ ନିର୍ମାଣ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଦୁଇଟି ଉପକୂଳ ଜିଲ୍ଲାର ତିନୋଟି ସ୍ଥାନରେ ଏହା କାର୍ଯ୍ୟକାରୀ ହେବ ।

ସ୍ୱେଚ୍ଛାସେବୀ ସଂଗଠନ ପିକକ୍, ସେଭ୍ ଦି ଚିଲଡ୍ରେନ, ସି.ଏସ ଓ ପାଟନର, ଆଇ.ସି.ଆଇ. ସି.ଆଇ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଜରୁରୀ ପରିସ୍ଥିତିରେ ଶିଶୁଙ୍କ ସୁରକ୍ଷା ସମ୍ପର୍କିତ ଦିନିକିଆ ରାଜ୍ୟ ସ୍ତରୀୟ କର୍ମଶାଳାରେ ଏହି ସୂଚନା ଦିଆଯାଇଛି । ପିକକ୍‌ର ଅଧ୍ୟକ୍ଷ ପ୍ରଫେସର ଆଦରମଣି ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅନୁରାଧା ମହାନ୍ତି, ପିକକ୍ କାର୍ଯ୍ୟକ୍ରମ ନିର୍ଦ୍ଦେଶିକା, ଶ୍ରୀ ରଞ୍ଜନ ମହାନ୍ତି, ସଂପାଦକ ପିକକ୍ ୟୁନିସେଫର ଲକ୍ଷ୍ମୀନାରାୟଣ ନନ୍ଦ, ସେଭ ଦି ଚିଲଡ୍ରେନର ଶଶାଙ୍କ ପାଢ଼ି ଓ ଶାନ୍ତାରାମ ନନ୍ଦ, ବିବିସିର ରାଜ୍ୟ ପ୍ରତିନିଧି ଶ୍ରୀଯୁକ୍ତ ସନ୍ଦୀପ ସାହୁ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତି ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ସ୍ୱାଗତ ଭାଷଣ ଦେଇ ପିକକର କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି, କହିଲେ ଯେ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଶିଶୁମାନେ ଅଧିକ ଅସୁରକ୍ଷିତ ହୋଇପଡନ୍ତି । ତେଣୁ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଏହିଭଳି ସ୍ୱତନ୍ତ୍ର ଆଶ୍ରୟସ୍ଥଳର ଆବଶ୍ୟକତା ରହିଛି ।

ପିକକ୍‌ର ସଂପାଦକ ରଞ୍ଜନ ମହାନ୍ତି କହିଲେ ଯେ, ଯେ କୌଣସି ବିପର୍ଯ୍ୟୟ ବା ଆପଦକାଳୀନ ପରିସ୍ଥିତିରେ ପିଲାମାନଙ୍କୁ ଯତ୍ନ ଓ ସୁରକ୍ଷା ଯୋଗାଇ ଦେବା ପାଇଁ ପରିବାର ସ୍ତରରେ ଉଦ୍ୟମ ସହ ଆବଶ୍ୟକୀୟ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ଗୁରୁତ୍ୱ ରହିଛି । ପିଲାମାନଙ୍କ ଅଭିଭାବକ ଓ ଜନସାଧାରଣଙ୍କ ମନୋଭାବର ମଧ୍ୟ ପରିବର୍ତ୍ତନ ଆବଶ୍ୟକ । ଏଥିପାଇଁ ଗଣମାଧ୍ୟମ, ସରକାରୀ କଳ ଓ ସାମାଜିକ କର୍ମକର୍ତ୍ତାମାନେ ଏକାଠି ହୋଇ କାର୍ଯ୍ୟ କରିବା ଆବଶ୍ୟକ ସେଭ ଦି ଚିଲଡ୍ରେନର ଶ୍ରୀ ପାଢ଼ି କହିଥିଲେ ଯେ, ଶିଶୁଙ୍କ ସୁରକ୍ଷା ଲାଗି ସମଗ୍ର ଦେଶର ୩ଟି ରାଜ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ହେଲେ, ଆମ ରାଜ୍ୟରେ ୨ଟି ଜିଲ୍ଲାରେ ଏହା ହାତକୁ ନିଆଯାଇଛି । ୟୁନିସେଫର ଶ୍ରୀ ନନ୍ଦ କହିଲେ ଯେ, ଜରୁରୀ ପରିସ୍ଥିତିରେ ଶିଶୁମାନେ ସାଧାରଣତଃ ଶ୍ରମିକ ପାଲଟିବା ସଙ୍ଗେ ସଙ୍ଗେ ଯୌନ ଶୋଷଣ ଓ ହିଂସାର ଶିକାର ହୋଇଥାନ୍ତି । ଏହି ସମୟରେ ଦଲାଲମାନେ ଝିଅମାନଙ୍କୁ ଚାଲାଣ ମଧ୍ୟ କରିଥାନ୍ତି । ତେଣୁ ବିପର୍ଯ୍ୟୟ ସମୟରେ ସେମାନଙ୍କ ସୁରକ୍ଷା ଅତ୍ୟନ୍ତ ଜରୁରୀ । ବିବିସିର ରାଜ୍ୟ ପ୍ରତିନିଧି ଶ୍ରୀ ସାହୁ ବିପର୍ଯ୍ୟୟ ସମୟରେ ଶିଶୁମାନଙ୍କୁ ଦୟନୀୟ ସ୍ଥିତି ଓ ସେମାନଙ୍କ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ପରିଶେଷରେ ଆଦରମଣି ବରାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ସୂର୍ଯ୍ୟପ୍ରଭା

ଗୁରୁବାର, ୨୪ ଫେବୃଆରୀ ୨୦୧୧

# ଜରୁରୀ ପରିସ୍ଥିତିରେ ଶିଶୁଙ୍କ ସୁରକ୍ଷା ପାଇଁ ଆଶ୍ରୟସ୍ଥଳ

।।ପ୍ରଭାନ୍ୟୁଜ୍ ।। ଭୁବନେଶ୍ୱର, ୨୩।୨ : ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ ଶିଶୁମାନଙ୍କ ସୁରକ୍ଷା ଲାଗି ରାଜ୍ୟରେ ପ୍ରଥମ ଥର ପାଇଁ ସ୍ୱତନ୍ତ୍ର ଆଶ୍ରୟସ୍ଥଳ ନିର୍ମାଣ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଦୁଇଟି ଉପକୂଳ ଜିଲ୍ଲାର ତିନୋଟି ସ୍ଥାନରେ ଏହା କାର୍ଯ୍ୟକାରୀ ହେଲା । ସ୍ୱେଚ୍ଛାସେବୀ ସଂଗଠନ ପିକକ, ସେଭ୍ ଦି ଚିଲଡ୍ରେନ, ସିଏସ୍ ଓ ପାଟନର, ଆଇସିଆଇସିଆଇ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଜରୁରୀ ପରିସ୍ଥିତିରେ ଶିଶୁଙ୍କ ସୁରକ୍ଷା ସମ୍ପର୍କିତ ଦିନିକିଆ ରାଜ୍ୟସ୍ତରୀୟ କର୍ମଶାଳାରେ ଏହି ସୂଚନା ଦିଆଯାଇଛି । ପିକକ୍‌ର ଅଧ୍ୟକ୍ଷ ପ୍ରଫେସର ଆଦରମଣି ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅନୁରାଧା ମହାନ୍ତି, ପିକକ୍ କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ରଞ୍ଜନ ମହାନ୍ତି, ସମ୍ପାଦକ ପିକକ୍ ୟୁନିସେଫର ଲକ୍ଷ୍ମୀନାରାୟଣ ନନ୍ଦ, ସେଭ୍ ଦି ଚିଲଡ୍ରେନର ଶଶାଙ୍କ ପତି ଓ ଶାନ୍ତାରାମ ନନ୍ଦ, ବିବିସିର ରାଜ୍ୟ ପ୍ରତିନିଧି ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପିକକ୍‌ର ସମ୍ପାଦକ ରଂଜନ ମହାନ୍ତି କହିଲେ ଯେ, ଯେକୌଣସି ବିପର୍ଯ୍ୟୟ ବା ଆପଦକାଳୀନ ପରିସ୍ଥିତିରେ ପିଲାମାନଙ୍କୁ ଯତ୍ନ ଓ ସୁରକ୍ଷା ଯୋଗାଇ ଦେବା ପାଇଁ ପରିବାର ସ୍ତରରେ ଉଦ୍ୟମ ସହ ଆବଶ୍ୟକୀୟ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ଗୁରୁତ୍ୱ ରହିଛି । ପିଲାମାନଙ୍କ ଅଭିଭାବକ ଓ ଜନସାଧାରଣଙ୍କ ମନୋଭାବର ମଧ୍ୟ ପରିବର୍ତ୍ତନ ଆବଶ୍ୟକ । ସେଭ୍ ଦି ଚିଲଡ୍ରେନର ଶ୍ରୀ ପାଢ଼ି କହିଥିଲେ ଯେ, ଶିଶୁଙ୍କ ସୁରକ୍ଷା ଲାଗି ସମଗ୍ର ଦେଶର ୩ଟି ରାଜ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ହେଲେ, ଆମ ରାଜ୍ୟରେ ୨ଟି ଜିଲ୍ଲାରେ ଏହା ହାତକୁ ନିଆଯାଇଛି । ୟୁନିସେଫର ଶ୍ରୀନନ୍ଦ କହିଲେ ଯେ, ଜରୁରୀ ପରିସ୍ଥିତିରେ ଶିଶୁମାନେ ସାଧାରଣତଃ ଶ୍ରମିକ ପାଲଟିବା ସଙ୍ଗେ ସଙ୍ଗେ ଯୌନ ଶୋଷଣ ଓ ହିଂସାର ଶିକାର ହୋଇଥାନ୍ତି । ଏହି ସମୟରେ ଦଲାଲମାନେ ଝିଅମାନଙ୍କୁ ଚାଲାଣ ମଧ୍ୟ କରିଥାନ୍ତି । ତେଣୁ ବିପର୍ଯ୍ୟୟ ସମୟରେ ସେମାନଙ୍କ ସୁରକ୍ଷା ଅତ୍ୟନ୍ତ ଜରୁରୀ ।